To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଏପିଇସି ସମ୍ମିଳନୀରେ ଭାରତର ବିକାଶକୁ ପ୍ରଶଂସା କଲେ ଟ୍ରମ୍ପ



R.N.I. No.-42041/83 Vol-16, Issue No.131, ଭଦ୍ରକ, ଶନିବାର, ୧୧, ନଭେମ୍ବର ୨୦୧୭ ■ Bhadrak, Saturday, 11 November 2017 Rs. 2.00 Pages-8

୧୭୪ଟି ଦ୍ରବ୍ୟ ଉପରୁ ଜିଏସ୍‌ଟି ହ୍ରାସ

ନୂଆଦିଲ୍ଲୀ ୧୦।୧୧ : ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ଦୁଇଦିନିଆ ବୈଠକ ଗୌହାଟିରେ ଆରମ୍ଭ ହୋଇଛି । ଜିଏସଟି କାଉନସିଲ ପରିଷଦ ବୈଠକରେ ସରକାର ବଡ ନିଷ୍ପତି ନେଇଛନ୍ତି। ଉଭୟ ଗ୍ରାହକ ଓ ବେପାରୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ନିତ୍ୟ ବ୍ୟବହାର୍ଯ୍ୟ ଉତ୍ପାଦ ଗୁଡିକୁ ଶସ୍ତା କରିଛନ୍ତି । ବୈଠକରେ ପ୍ରାୟ ୧୫୦ରୁ ୨୦୦ ସାମଗ୍ରୀ ଉପରେ ଧାର୍ଯ୍ୟ ଜିଏସ୍‌ଟି ହ୍ରାସ କରିବାକୁ ପରିଷଦ ନିଷ୍ପତ୍ତି ନେବାର ସମ୍ଭାବନା ରହିଛି । ମୁଖ୍ୟତଃ ଯେଉଁ ସାମଗ୍ରୀ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଛି ସେହି ସାମଗ୍ରୀ ଉପରୁ ଟିକସ ହ୍ରାସ କରାଯାଇଛି । ୨୮ ପ୍ରତିଶତ ଜିଏସ୍‌ଟି ସ୍ଲାବ୍‌ରେ ମାତ୍ର ୫୦ଟି ସାମଗ୍ରୀ ରଖାଯାଇଛି । ଜିଏସଟି ହ୍ରାସ କରିବାରୁ ଏବେ ପ୍ରାୟ ୧୭୪ଟି ସାମଗ୍ରୀ ଶସ୍ତା ହୋଇଛି । ଏଥିସହିତ ରିଟର୍ଣ୍ଣ ବ୍ୟବସ୍ଥାକୁ ସରଳ କରିବା ପାଇଁ ମଧ ପଦକ୍ଷେପ ନିଆଯାଇଛି ।

ଜିଏସଟି କାଉନ୍ସିଲର ନେଟୱାର୍କ ପ୍ୟାନେଲ୍ ମୁଖ୍ୟ ଶୁଶୀଲ ମୋଦି କହିଛନ୍ତି ଯେ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ସାମ୍ପୁ, ଡିଓଡ୍ରେଂଟ, ଟୁଥପେଷ୍ଟ, ସେଭିଂ କ୍ରିମ୍ ଓ ଚୁଇଂଗମ୍ ଭଳି ବହୁ ସାମଗ୍ରୀ ଏବେ ଶସ୍ତା ହେବ। କାଉନ୍ସିଲର ୨୩ ତମ ଏହି ବୈଠକରେ ଆସାମ ବିତ୍ତମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ ଗଠିତ ଏକ ପ୍ୟାନେଲର କେତେକ ପ୍ରସ୍ତାବ ଉପରେ ମଧ ଆଲୋଚନା କରାଯାଇଥିଲା। କେବଳ ୫୦ଟି ସାମଗ୍ରୀକୁ ୨୮ ପ୍ରତିଶତ ବର୍ଗରେ ରଖାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସେହିଭଳି ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ ହେଉଥିବା ସାମଗ୍ରୀ ମଧ୍ୟରୁ କେତେକ ସାମଗ୍ରୀକୁ ୧୨ ପ୍ରତିଶତ ଜିଏସ୍‌ଟି ବର୍ଗରେ ସାମିଲ କରାଯିବା ପାଇଁ ଆଲୋଚନା ଜାରୀ ରହିଛି । ଏଥିସହିତ ରିଅଲ ଇଷ୍ଟେଟ କ୍ଷେତ୍ରକୁ ଜିଏସ୍‌ଟି ପରିସରରେ ସାମିଲ କରିବା ଲାଗି ମଧ ବୈଠକରେ ଆଲୋଚନା ହୋଇପାରେ । ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ଦେବା ନିମନ୍ତେ କି ପ୍ରକାର ନୂଆ ପଦକ୍ଷେପ ନିଆଯାଇ ପାରିବ ସେ ନେଇ ପରିଷଦ ଆଲୋଚନା କରିବାର ସମ୍ଭାବନା ରହିଛି ।

ଜିଏସ୍‌ଟି ବ୍ୟବସ୍ଥାରେ ରିଟର୍ଣ୍ଣ ଫାଇଲ୍‌କୁ ସରଳ କରିବା ଲାଗି ଜିଏସ୍‌ଟି ପରିଷଦକୁ ମନ୍ତ୍ରୀଗୋଷ୍ଠୀ ସୁପାରିସ କରିପାରେ । ଜିଏସ୍‌ଟିଆର ୧, ଜିଏସ୍‌ଟିଆର୍ ୨ ଏବଂ ଜିଏସ୍‌ଟିଆର ୩ ଦାଖଲ ବ୍ୟବସ୍ଥାକୁ ଉଚ୍ଛେଦ କରି କେବଳ ଜିଏସ୍‌ଟିଆର୍ ୩ ବି ରଖିବା ଲାଗି ପଦକ୍ଷେପ ନିଆଯିବ । ରିଟର୍ଣ୍ଣ ଫାଇଲ୍ ଜନିତ ବୋଝକୁ ହାଲ୍‌କା କରିବା ପାଇଁ ସରକାର ଗତ ଅକ୍ଟୋବରରେ ଏକ ପଦକ୍ଷେପ ନେଇ ସାରିଛନ୍ତି । ଏଥିରେ ବାର୍ଷିକ ୧.୫ କୋଟି ଟଙ୍କାରୁ କମ୍ କାରବାର କରୁଥିବା ବ୍ୟବସାୟୀମାନଙ୍କୁ ତ୍ରୟମାସିକ ରିଟର୍ଣ୍ଣ ଫାଇଲ୍ ପ୍ରଦାନକୁ ମଞ୍ଜୁରି ଦେଇସାରିଛନ୍ତି । ଏହାସତ୍ତ୍ୱେ ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ଲାଗି ଅନେକ ଅସୁବିଧା ରହିଥିବା ସମ୍ପର୍କରେ ବ୍ୟବସାୟୀମାନେ ଅଭିଯୋଗ କରି ଆସୁଛନ୍ତି । ପ୍ରତିମାସ ଆୟକର ରିଟର୍ଣ୍ଣ ଦାଖଲ ଲାଗି ରହିଥିବା ବ୍ୟବସ୍ଥାବଳୀ ଉପରେ ମଧ ଆଲୋଚନା କରାଯାଉଛି । ଯାହାଲାଗି କରଦାତା ଆଶ୍ୱସ୍ତ ହେବେ ବୋଲି କୁହାଯାଉଛି । ସୂଚନାଯୋଗ୍ୟ, ଗତ ଜୁଲାଇରେ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରଠାରୁ ପରିଷଦ ପ୍ରାୟ ୧୦୦ରୁ ଅଧିକ ସାମଗ୍ରୀର ଜିଏସ୍‌ଟି ହାରକୁ ପରିବର୍ତନ କରିସାରିଛନ୍ତି ।

ଜିଏସ୍‌ଟି ବୈଠକରେ ନିଷ୍ପତ୍ତି

- ୨୩ ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ
- ସାମ୍ପୁ, ଟୁଥପେଷ୍ଟ, ସେଭିଂ କ୍ରିମ୍ ଓ ଚୁଇଂଗମ୍ ଇତ୍ୟାଦିର ମୂଲ୍ୟ ହ୍ରାସ
- ୨୮% ସ୍ଲାବ୍‌ରେ ୫୦ ସାମଗ୍ରୀ
- ଜିଏସ୍‌ଟିଆର୍ ୩ ବି ରଖିବା ଲାଗି ପଦକ୍ଷେପ ନିଆଯିବ ।

କୁନ୍ଦୁଲି ଗଣଦୁଷ୍କର୍ମ ମାମଲା

ସହାୟତା ଦେବାକୁ ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୦।୧୧(ସକାଳଖବର): କୁନ୍ଦୁଲି ଗଣଦୁଷ୍କର୍ମ ମାମଲା ଜଟିଳ ହେବାରେ ଲାଗିଛି। ଗୋଟିଏ ପଟେ ପୀଡିତା ନିଜର ବୟାନରେ ଅଟଳ ରହିଥିବା ବେଳେ ଅନ୍ୟପକ୍ଷରେ ଏଚଆରପିସି ଏଡିଜିଙ୍କ ବୟାନ ସଂପୂର୍ଣ୍ଣ ଘଟଣାର ତଦନ୍ତକୁ ଏ ପାଖ ସେପାଖ କରିଦେଇଛି। ଦିନକ ଆଗରୁ ମୁଖ୍ୟମନ୍ତ୍ରୀ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଘଟଣାରେ ପୀଡିତା ନାବାଳିକାକୁ ୫୦ ହଜାର ଟଙ୍କା ମଧ୍ୟବର୍ତୀକାଳୀନ ସହାୟତା ଦେବା ସହ ଏକଲବ୍ୟ ବିଦ୍ୟାଳୟରେ ନାବାଳିକାର ପାଠପଢା ବ୍ୟବସ୍ଥା କରିବାକୁ ରାଜ୍ୟ ମାନବାଧିକାର କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି । କମିଶନ୍ ରାଜ୍ୟ ଏସସି ଏସଟି କମିଶନର ତଥା ସଚିବଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତୀ ଶୁଣାଣି ଆସନ୍ତା ୨୭ ତାରିଖରେ କରାଯିବ ।

ଶୁକ୍ରବାର ଏହି ମାମଲାରେ ମାନବାଧିକାର କମିଶନଙ୍କ ନିକଟରେ ଶୁଣାଣି କରାଯାଇଥିଲା । ପିଡୀତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ମଧ୍ୟ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଅଧୀକ୍ଷକ ସୀତାରାମ ମହାପାତ୍ର କମିଶନଙ୍କ ନିକଟରେ ହାଜର ହୋଇ ଦାଖଲ କରିଛନ୍ତି । ଏହି ରିପୋର୍ଟ କପି ପାଇଁ ଆବେଦନକାରୀଙ୍କୁ ଦେବାଲାଗି କୁହାଯାଇଛି । ଘଟଣାର ତଦନ୍ତ ଚାଲିଥିବା ବେଳେ ଏହି ରିପୋର୍ଟ ଗଣମାଧ୍ୟମରେ କିପରି ପ୍ରକାଶ କରାଗଲା ସେନେଇ କମିଶନ୍ ଉଦବେଗ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ଘଟଣାର କ୍ରାଇମବ୍ରାଂଚ ତଦନ୍ତ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ କୁହାଯାଇଛି ।

ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ଜୀବନଯାତ୍ରା ଠପ୍

ନୂଆଦିଲ୍ଲୀ, ୧୦।୧୧(ସକାଳଖବର): ଦିଲ୍ଲୀରେ ଧୂଳି ଓ ଧୂଆଁ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଶେଷ କରି ଯାତାୟତ ଏକ ପ୍ରକାର ଠପ୍ ହୋଇଯାଇଛି। ଧୂଆଁ ଯୋଗୁ ପରିବହନ ଧିମା ପଡିଛି। ଏକ୍ସପ୍ରେସ ଟ୍ରେନ ଗୁଡିକ ପାସେଂଜର ଟ୍ରେନ ଭଳି ଯାତାୟତ କରୁଛନ୍ତି। ସେହିପରି ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଧୂଳି ଓ ଧୂଆଁ ସହିତ କୋହଲା ପାଗ ଯୋଗୁ ସବୁ କିଛି ଠପ୍ ହୋଇପଡିଛି। ଆହୁରି ୨୪ ଘଂଟା ଏଭଳି କୋହଲା ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। କେବଳ ଦିଲ୍ଲୀ ନୁହେଁ, ଉତରପ୍ରଦେଶରେ ମଧ୍ୟ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଏହି ସମସ୍ତ ଅଂଚଳରେ ପ୍ରବଳ ଶୀତ ପଡିଥିବା ଜଣାପଡିଛି। ଲକ୍ଷ୍ନୌରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଗୋରଖପୁରରେ ୧୯ ଡିଗ୍ରୀ ଓ କାନପୁରରେ ୨୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଛୁଟି ଘୋଷଣା

ପବିତ୍ର ପ୍ରଥମାଷ୍ଟମୀ ଉପଲକ୍ଷେ ସକାଳ କାର୍ଯ୍ୟାଳୟ ୧୧ ତାରିଖରେ ବନ୍ଦ ରହୁଥିବାରୁ ଦୈନିକ 'ସକାଳ' ପ୍ରକାଶ ପାଇବ ନାହିଁ । ପରବର୍ତ୍ତୀ ସଂସ୍କରଣ ୧୩ ତାରିଖରେ ପ୍ରକାଶ ପାଇବ ।

ଜୀବନ ନିଶ୍ୱାସର ଗୀତ, ମୋ ସହିତ ମିଶିଯାଇ ମୋ କାମ କରିବା ଲୋକଙ୍କୁ ପ୍ରଭୁଙ୍କ କୃପା ଥାଏ ।

ହୁଣ୍ଡିର ଆୟ (୧୦.୧୧.୧୭)
୨,୬୪,୫୩୩

ବର୍ଷା ସମ୍ଭାବନା : ଅମଳ ଧାନ ସୁରକ୍ଷିତ ସ୍ଥାନରେ ରଖିବାକୁ ମନ୍ତ୍ରୀଙ୍କ ପରାମର୍ଶ

ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୧(ସକାଳଖବର): ଆସନ୍ତା ନଭେମ୍ବର ୧୫ରୁ ୧୮ ତାରିଖ ୪ ଦିନ ଧରି ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ସଚିବାଳୟ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ମେହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ତ୍ରୀ ଶ୍ରୀ ମହାନ୍ତି କହିଛନ୍ତି ଯେ ୧୨ ତାରିଖ ଠାରୁ ଉପକୂଳ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷାର ପରିମାଣ ମଧ୍ୟ ବୃଦ୍ଧି ପାଇପାରେ । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଂଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଏଥିପାଇଁ ଅମଳ ହୋଇଥିବା ଧାନ ଫସଲକୁ ସୁରକ୍ଷିତ ସ୍ଥାନକୁ ଉଠାଇ ନେବାକୁ କୁହାଯାଇଛି । ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ରାଜ୍ୟରେ ବାତ୍ୟାର ସମ୍ଭାବନା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଅପରପକ୍ଷରେ ଆସନ୍ତା ୧୩ ତାରିଖରେ ଲଘୁଚାପ ଜନିତ ବର୍ଷା ହେବାର ସମ୍ଭାବନା ଥିବାରୁ ତାର ପ୍ରଭାବରେ ଧାନ ଯେପରି ନଷ୍ଟ ନହୁଏ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ବିଷ୍ଣୁପଦ ସେଠୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅମଳ ଧାନ ଫସଲକୁ ଘୋଡାଇ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଏସଆରସି ଜିଲ୍ଲାପାଳ ମାନଙ୍କୁ କହିଛନ୍ତି । ଏହା ବ୍ୟତୀତ ମଣ୍ଡିରେ ଥିବା ଧାନକୁ ମଧ୍ୟ ସୁରକ୍ଷିତ ରଖିବା ଲାଗି କୁହାଯାଇଛି ।

ଏକାମ୍ର ପୁସ୍ତକ ମେଳାରେ ଜଣେ ମହିଳା ପୁସ୍ତକ କିଣିବାରେ ନିମଗ୍ନ ।

ଭୁବନେଶ୍ୱରରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ

ଭୁବନେଶ୍ୱର, ୧୦।୧୧(ସକାଳଖବର): ୨ ଦିନିଆ ଓଡିଶା ଗସ୍ତରେ ଆସି ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଶୁକ୍ରବାର ସଂଧ୍ୟାରେ ଭୁବନେଶ୍ୱରରେ ପହଂଚିଛନ୍ତି । ଆସନ୍ତାକାଲି କିଟ୍ ବିଶ୍ୱ ବିଦ୍ୟାଳୟର ବାର୍ଷିକ ସମାବର୍ତନ ଉତ୍ସବରେ ଶ୍ରୀ ନାଇଡୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଭାରତର ଉପରାଷ୍ଟ୍ରପତି ହେବା ପରେ ଭେଙ୍କୟା ନାଇଡୁଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ।

ଶୁକ୍ରବାର ସଂଧ୍ୟାରେ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ଶ୍ରୀ ନାଇଡୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ରାଜ୍ୟପାଳ ଡ. ଏସ.ସି ଜମୀର , ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା , ଜିଲ୍ଲାପାଳ , ପୋଲିସ୍ ଡିଜି , ଆଇଜି ପ୍ରମୁଖ ଉପରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଇଥିଲେ । ସେହିପରି ରାଜ୍ୟ ବିଜେପି ପକ୍ଷରୁ ଦଳର ସଭାପତି ବସନ୍ତ ପଣ୍ଡା , ଉପସଭାପତି ସମୀର ମହାନ୍ତି , ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ମଧ୍ୟ ଶ୍ରୀ ନାଇଡୁଙ୍କୁ ସ୍ୱାଗତ ଜଣାଇଥିଲେ । ଏହାପରେ ଶ୍ରୀ ନାଇଡୁ ରାଜଭବନ ଅଭିମୁଖେ ଯାଇଥିଲେ । ସେଠାରେ ସେ ରାତ୍ରୀ ଯାପନ କରିବେ ଏବଂ ଆସନ୍ତାକାଲି ରାଜଭବନରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ସେ କିଟ୍ ବିଶ୍ୱ ବିଦ୍ୟାଳୟ ଯିବେ । ପରେ ରାଜଭବନରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସଂଧ୍ୟାରେ ସେ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ । ଅନ୍ୟପକ୍ଷରେ ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଏଥିପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ୧୯ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି । ଏଥିପାଇଁ ରାଜଭବନ ଠାରୁ କିଟ୍ ରାସ୍ତାରେ ବ୍ୟାରିକେଡ୍ ମଧ୍ୟ କରାଯାଇଛି । ନାଇଡୁଙ୍କ ଗସ୍ତ ସମୟରେ ଉକ୍ତ ରାସ୍ତାକୁ ସିଲ୍ କରାଯିବ ।

ଦୁଇ ମାସ ପରେ ବମିଖାଲ ଓଭରବ୍ରିଜ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର, ୧୦।୧୧(ସକାଳଖବର): ସେପ୍ଟେମ୍ବର ୧୦ ତାରିଖରେ ବମିଖାଲ ଓଭରବ୍ରିଜର ଭୁଷୁଡ଼ି ଯିବାର ୨ ମାସ ବିତିଯିବା ପରେ ଆଜି ପୁଣି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ଦୁର୍ଘଟଣାସ୍ଥଳରେ ପୂଜା କରାଯାଇଥିଲା ବୋଲି ବିଭାଗୀୟ ସୂତ୍ରରୁ ଏହା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ବ୍ରିଜ ନିର୍ମାଣ ଚାଲିଥିଲା ବେଳେ ଭୁଷୁଡ଼ି ଯିବା ଫଳରେ ଘଟଣା ସ୍ଥଳରେ ସେହି ବାଟ ଦେଇ ବାଇକରେ ଯାଉଥିବା ବାପା ଓ ଝିଅ ଉପରେ ବ୍ରିଜର କିଛି ଅଂଶ ପଡ଼ିଯାଇଥିଲେ । ଫଳରେ ବାପା ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ଝିଅ ଗୁରୁତର ଭାବରେ ଆହତ ହୋଇଥିଲା । ଦୁର୍ଘଟଣା ଦିନଠାରୁ ଏହି ବ୍ରିଜ୍‌ର କାର୍ଯ୍ୟ ବନ୍ଦ ଥିଲା ଏବଂ ଏହାକୁ ଠିକା ନେଇଥିବା ପଣ୍ଡା ଇନ୍‌ଫ୍ରାକୁ କଳାତାଲିକାଭୁକ୍ତ କରାଯାଇଥିଲା । ମାତ୍ର ଏହି କାର୍ଯ୍ୟକୁ ଶେଷ କରିବା ପାଇଁ ପୁର୍ନଶ୍ଚ ସେହି ପଣ୍ଡା ଇନ୍‌ଫ୍ରା କମ୍ପାନୀକୁ ସୁଯୋଗ ଦିଆଯାଇଛି ।

ପ୍ରଦ୍ୟୁମ୍ନ ହତ୍ୟାକାଣ୍ଡ ମାମଲା

ପୋଲିସ ବିରୁଦ୍ଧରେ କେସ୍ କରିବ ବସ୍ କଣ୍ଡକ୍ଟର

ନୂଆଦିଲ୍ଲୀ,୧୦।୧୧(ସକାଳଖବର): ଗୁରୁଗ୍ରାମର ରାୟନ ସ୍କୁଲରେ ପ୍ରଦ୍ୟୁମ୍ନ ହତ୍ୟାକାଣ୍ଡ ମାମଲାରେ ସ୍କୁଲର ଜଣେ ଏକାଦଶ ଶ୍ରେଣୀର ଛାତ୍ରଙ୍କୁ ସିବିଆଇ ଗିରଫ କରିଥିବା ବେଳେ ସ୍କୁଲକୁ ବଂଚାଇବା ପାଇଁ ପୋଲିସ ଏଭଳି ପଦକ୍ଷେପ ନେଇଥିବା ଅଭିଯୋଗ ଆଣିଛନ୍ତି ଆରୋପିର ପରିବାର। ସେପଟେ ହରିୟାଣା ପୋଲିସ ଗିରଫ କରିଥିବା ବସ୍ କଣ୍ଡକ୍ଟର ତାଙ୍କୁ ବଳିକାବକରା ବନାଯାଇଥିବା ଅଭିଯୋଗ କରିଛି। ଦୋଷ ସ୍ୱୀକାର କରିବା ପାଇଁ ପୋଲିସ ତାକୁ ଅକଥନୀୟ ନିର୍ଯାତନା ଦେଇଥିବା ସେ କହିଛି। ପୋଲିସ ବିରୁଦ୍ଧରେ ସେ ମାମଲା ରୁଜୁ କରିବ ବୋଲି ତାର ପରିବାର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜୁଭେନାଇଲ କୋର୍ଟରେ **(ପୃଷ୍ଠା-୭)**

ପ୍ରଭାତଙ୍କ ଉପରୁ ଉଠିଲା ନିଲମ୍ବନ

ଭୁବନେଶ୍ୱର, ୧୦।୧୧(ସକାଳଖବର): ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଉପରୁ ନିଲମ୍ବନ ହଟାଇଛି ବିଜୁ ଜନତା ଦଳ। ଚିଟଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ଜାମିନରେ ଆସିଥିବା ପ୍ରଭାତଙ୍କ ନିଲମ୍ବନ ଉଠାଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ସୂଚନାଯୋଗ୍ୟ, ଚିଟଫଣ୍ଡ ମାମଲାରେ ପ୍ରଭାତଙ୍କ ଜାମିନକୁ ବିରୋଧ କରି ଓଡ଼ିଶା ହାଇକୋର୍ଟଙ୍କ ରାୟ ବିରୋଧରେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟର ବିଚାର ବିଭାଗୀୟ ମାମଲାର ଶୁଣାଣି କରି ଘଟଣାରେ ସିବିଆଇ ଅଧିକ କିଛି ତଦନ୍ତ କରିଛି କି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସିବିଆଇ ତଦନ୍ତକୁ ଅଗ୍ରାହ୍ୟ ନ କରି ପ୍ରଭାତଙ୍କ ଜାମିନ ନେଇ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଏହା ପରେ ବିଜେଡି ପକ୍ଷରୁ ଶ୍ରୀ ତ୍ରିପାଠୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନିଆଯାଇଛି। ଚିଟଫଣ୍ଡ ମାମଲରେ ୨୦୧୪ ମସିହା ଅକ୍ଟୋବର ୩୧ ତାରିଖରେ ଶ୍ରୀ ତ୍ରିପାଠୀଙ୍କୁ ସିବିଆଇ ଗିରଫ କରିଥିଲା। ୨୦୧୫ ମାର୍ଚ୍ଚ ୫ ତାରିଖରେ ସେ ହାଇକୋର୍ଟରୁ ଜାମିନ ପାଇଥିଲେ। ଗିରଫ ହେବା ପରେ ପ୍ରଭାତଙ୍କୁ ବିଜେଡି ପକ୍ଷରୁ ନିଲମ୍ବିତ କରାଯାଇଥିଲା। ଦୀର୍ଘ ୩ ବର୍ଷର ଅବଧି ପରେ **(ପୃଷ୍ଠା-୭)**

ଟ୍ରେନ ଆଗକୁ ଡେଇଁ ମା-ଝିଅଙ୍କ ଆତ୍ମହତ୍ୟା

ହୃଦୟ ବିଦାରକ

ବାଲେଶ୍ୱର, ୧୦।୧୧(ସକାଳଖବର) : ସୋର ରେଳଷ୍ଟେସନରେ ଶୁକ୍ରବାର ଅପରାହ୍ଣରେ ମାଲଗାଡ୍ରି ଟ୍ରେନ୍ ଆଗକୁ ଡେଇଁ ମା-ଝିଅ ଆତ୍ମହତ୍ୟା କରିଛନ୍ତି । ମିଳିଥିବା ସୂଚନା ଅନୁସାରେ କଟକ ସିଡିଏରେ ରହୁଥିବା ଦୀନେଶ ପାଣ୍ଡେଙ୍କ ପତ୍ନୀ ଉର୍ମିଳା ପାଣ୍ଡେ ଓ ୫ବର୍ଷର ଝିଅ କଟକରୁ ଧଉଳି ଏକ୍ସପ୍ରେସରେ ଚଢ଼ିଥିଲେ । ସେମାନେ ବାଲେଶ୍ୱର ଜିଲ୍ଲା ସୋର ରେଳ ଷ୍ଟେସନରେ ଓହ୍ଲାଇଥିଲେ । କିଛି ସମୟ ପରେ ଏକ ମାଳଗାଡି ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ । ଘଟଣାସ୍ଥଳରେ ହିଁ ମା'ଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଅବସ୍ଥାରେ ଝିଅଙ୍କୁ ସୋର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିଲେ । ପାରିବାରିକ ଅଶାନ୍ତିରୁ ମା-ଝିଅ ଆତ୍ମହତ୍ୟା କରି ଥାଇ ପାରନ୍ତି ବୋଲି ଆରପିଏଫର ପ୍ରଥମ ତଦନ୍ତରୁ **(ପୃଷ୍ଠା-୭)**

ଚକଡା ପୋକ ଲାଗି କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ୧୩୮ କୋଟି ଟଙ୍କାର ଇନପୁଟ୍ ସବସିଡି

- କ୍ଷୟକ୍ଷତି ଆକଳନ କରିବେ ରାଜସ୍ୱ, କୃଷି ଅଧିକାରୀ
- ପୁନର୍ଗଠିକ ଗ୍ରାମ୍ୟ କମିଟିରେ ରହିବେ ଭାଗ ଚାଷୀ
- ଇ-ଟ୍ରାନ୍ସଫର୍ ମାଧ୍ୟମରେ ଇନ୍‌ପୁଟ ସବ୍‌ସିଡି ଦିଆଯିବ

ଭୁବନେଶ୍ୱର, ୧୦।୧୧(ସକାଳଖବର): ଚକଡା ପୋକ ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଇନପୁଟ୍ ସବସିଡି ଘୋଷଣା କରାଯାଇଛି । ରାଜ୍ୟରେ ମୋଟ ୧ ଲକ୍ଷ ୨୮ ହଜାର ୩୧୮ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏଥିପାଇଁ ମୋଟ ୧୩୭ କୋଟି ୫୨ ଲକ୍ଷ ଟଙ୍କାର ଇନପୁଟ୍ ସବସିଡି ଘୋଷଣା କରାଯାଇଛି । ଶୁକ୍ରବାର ଦିନ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଚକଡା ପୋକ ଲାଗି ୨୪ ଟି ଜିଲ୍ଲାର ଫସଲ ନଷ୍ଟ ହୋଇଛି । କ୍ଷତିଗ୍ରସ୍ତ ଅଂଚଳ ମଧ୍ୟରେ ୧୫୦ଟି ବ୍ଲକ୍ ର ୮୦୯୨ ଟି ଗ୍ରାମ ରହିଛି। ଏହାବ୍ୟତୀତ ପୌରାଂଚଳର ୪୮ଟି ୱାର୍ଡ ମଧ୍ୟ ଚକଡା ପୋକ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି ବୋଲି ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପ୍ରକ୍ରିୟା ଗତ ଗୁରୁବାର ଠାରୁ ଆରମ୍ଭ ହୋଇଛି । କମିଶନଙ୍କ ପକ୍ଷରୁ ଗାଇଡଲାଇନ୍ ପ୍ରସ୍ତୁତ କରାଯାଇ ଜିଲ୍ଲାପାଳମାନଙ୍କ ନିକଟକୁ ପଠାଇ ଦିଆଯାଇଛି । ରାଜ୍ୟରେ ପ୍ରାକୃତିକ ଦୁର୍ବିପାକରେ ଚାଷ ନଷ୍ଟ ଲାଗି ୨୦୧୫ ମସିହାରେ ପ୍ରସ୍ତୁତ ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଚକଡା ପୋକର କ୍ଷୟକ୍ଷତିର ଆକଳନ କରାଯାଇଛି । ୨୦୧୫ରେ ସରକାର ଗଠନ କରିଥିବା ଗ୍ରାମ୍ୟସ୍ତରୀୟ କମିଟି ପୁର୍ନଗଠନ କରି ଏଥିରେ ୩ଜଣ ଭାଗଚାଷୀଙ୍କୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ସରକାରଙ୍କ ପକ୍ଷରୁ ଏହି ଗାଇଡଲାଇନ ପ୍ରସ୍ତୁତ କରାଯାଇଛି । ଏହି ଗାଇଡଲାଇନ୍ ଅନୁଯାୟୀ ପ୍ରକୃତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ମିଳିବ । ଏହା ସହ ଭାଗଚାଷୀ ଏବଂ ଲିଜ୍‌ରେ ଚାଷ କରୁଥିବା ଚାଷୀଙ୍କୁ ସହାୟତା ମିଳିବ ବୋଲି ଘୋଷଣା କରାଯାଇଛି । ଠାକୁରଙ୍କ ଜମିକୁ ଭାଗରେ ନେଇଥିବା ଚାଷୀଙ୍କୁ ମଧ ସହାୟତା ମିଳିବ । ଜମି ମାଲିକ ମହିଳା କିମ୍ବା ବିଧବା ହୋଇଥିଲେ ତାଙ୍କୁ ମଧ ଇନ୍‌ପୁଟ **(ପୃଷ୍ଠା-୭)**

[illegible]

ତାଲ ମେଳ
An Open House Discussion with

[illegible]

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick